# ଉଚ୍ଛେଦ ପରେ ଜବରଦଖଲ

**ଭଦ୍ରକ ଅଫିସ,୨୧।୯**

■ ସରକାରୀ ଜାଗାରେ ଚାଲିଥିଲା ବେଆଇନ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ

■ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ କାର୍ଯ୍ୟ ବନ୍ଦ କଲା ପ୍ରଶାସନ



ଭଦ୍ରକ ସହରକୁ ସ୍ମାର୍ଟସିଟି କରାଯିବା ପାଇଁ ମୁଖ୍ୟରାସ୍ତାଗୁଡ଼ିକୁ ଜବରଦଖଲମୁକ୍ତ ଲାଗି ଉଦ୍ୟମ କରାଯାଇଛି। ଗତ ଜୁନ୍ ଶେଷ ସପ୍ତାହରେ ମହତାବ ଛକଠାରୁ ଅପର୍ତ୍ତିବିନ୍ଧା ଷ୍ଟେଟ୍‌ବ୍ୟାଙ୍କ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱକୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ସେହିପରି ଅପର୍ତ୍ତିବିନ୍ଧା ଷ୍ଟେଟ୍‌ବ୍ୟାଙ୍କ ଛକଠାରୁ ଘୋଷରା ବଜାର ପର୍ଯ୍ୟନ୍ତ ଏକ ପାଖ ମଧ୍ୟ ଜବରଦଖଲ ହଟାଯାଇଥିଲା। ଏତିକିରେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ସାମୟିକ ଭାବେ ବନ୍ଦ କରିଥିଲା। ଉଚ୍ଛେଦ ହେବାର ୩ ମାସ ବିତିଯାଇଥିଲେ ମଧ୍ୟ ଏଯାଏ ଉଭୟପାର୍ଶ୍ୱର ଡ୍ରେନ ନିର୍ମାଣ କାର୍ଯ୍ୟ ସରିନାହିଁ। ଅନ୍ୟପକ୍ଷେ ଉଚ୍ଛେଦ ପରେ ଜବରଦଖଲ କରି ଷ୍ଟେଟବ୍ୟାଙ୍କ ଛକ ସମ୍ମୁଖରେ ୨୧ ଡିସିମିଲ ସରକାରୀ ଜାଗାରେ କେତେକ ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ମାର୍କେଟ୍ କମ୍ପ୍ଲେକ୍ସ ରାତାରାତି ନିର୍ମାଣ କରୁଥିଲେ। ପ୍ରଶାସନ ଏହାକୁ ଜାଣି ଅଜଣା ଭଳି ପରୋକ୍ଷରେ ସମର୍ଥନ କରାଯାଉଥିବା ଅଭିଯୋଗ ହୋଇଥିଲା। କଳା ପାଲ ଟାଙ୍ଗି ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ କିଭଳି ଦେଖିପାରିଲେ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଚଳିତ ମାସରେ ଉଚ୍ଛେଦ ଦୋକାନୀମାନଙ୍କ ମଧ୍ୟରୁ କେତେକ ଏ ସମ୍ପର୍କରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ନିକଟରେ ଉକ୍ତ ସରକାରୀ ଜାଗାରେ ନିର୍ମାଣାଧୀନ ମାର୍କେଟ୍ କମ୍ପ୍ଲେକ୍ସ ବନ୍ଦ କରିବା ପାଇଁ କୋର୍ଟ ଆଦେଶନାମା ଜାରି କରିଛନ୍ତି। ଏହି ମାମଲାରେ ଜିଲାପାଳ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଭଦ୍ରକ ତହସିଲଦାର ଉକ୍ତ ସ୍ଥାନରେ ଏକ ସୂଚନା ଫଳକ ଲଗାଇ କାର୍ଯ୍ୟ ବନ୍ଦ କରିଛନ୍ତି। ଏଥିସହ ସରକାରୀ ଖାତାକୁ ଉକ୍ତ ଜାଗା ନିଆଗଲା ବୋଲି ସର୍ବସାଧାରଣକୁ ଅବଗତ କରାଇଛନ୍ତି।

ଶନିବାର କୋର୍ଟଙ୍କ କପି ସରକାରୀ ଭାବେ ଜିଲା ପ୍ରଶାସନ ନିକଟରେ ପହଞ୍ଚିଛି। ଏତେଦିନ ଧରି ପ୍ରଶାସନ କିଭଳି ଚୁପ୍ ରହିଥିଲା ବୋଲି ଏଠାରେ ଦୀର୍ଘବର୍ଷ ଧରି ଦୋକାନ କରି ଦାନା ପାଉଥିବା ବ୍ୟବସାୟୀ ଓ ଶ୍ରମିକ ସଙ୍ଗଠନ ନେତା ଦିବ୍ୟସିଂହ ନାୟକ ସମାଲୋଚନା କରି କହିଛନ୍ତି। ସହର ସମ୍ପ୍ରସାରଣ ଏବଂ ରାସ୍ତାଘାଟ ଚଉଡ଼ା ଆଳରେ ପ୍ରଶାସନ ଗରିବ ବ୍ୟବସାୟୀଙ୍କ ଦୋକାନ ଘର ଭାଙ୍ଗି ସେମାନଙ୍କୁ ବେସାହାରା କରିଦେଇଛି। ଏପରିସ୍ଥଳେ ଜବରଦଖଲ ଉଚ୍ଛେଦ ସ୍ଥାନରେ ଏତେ ବଡ ମାର୍କେଟ୍ କମ୍ପ୍ଲେକ୍ସ କରିବା ପାଇଁ କିଭଳି ସୁଯୋଗ ଦିଆଗଲା ବୋଲି ବ୍ୟବସାୟୀ ଅରୁଣ ବାରିକ କହିଛନ୍ତି। ଉଲ୍ଲେଖନୀୟ ଯେ, ଉଚ୍ଛେଦ ବ୍ୟବସାୟୀଙ୍କ ମଧ୍ୟରୁ ଜଣେ ହେଲେ କାହାରିକୁ ଏଯାଏ ଜିଲା ପ୍ରଶାସନ ଥଇଥାନ କରିପାରି ନାହିଁ।



ଦୁର୍ଗାପୂଜା ଉପଲକ୍ଷେ ଆରଡ଼ି ଆଖଣ୍ଡଳମଣି ପୀଠରେ ଶନିବାର ମା' ଦୁର୍ଗାଙ୍କ ସାବିତ୍ରୀ ବେଶ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**ଧାମନଗର**

**୨୨।୯।୧୯(ରବିବାର)**

- ୭୭ ତମ ଶହୀଦ ସ୍ମୃତି ଦିବସ ପାଳନ, ଆରକ୍ଷୀ ବାହିନୀ ଦ୍ୱାରା ଶହୀଦଙ୍କ ଉଦ୍ଦେଶ୍ୟରେ ଶହୀଦ ସଲାମ, ସ୍ଥାନ: ଲୁଣିଆ, ଶହୀଦ ନଗର, ସମୟ: ପୂର୍ବାହ୍ନ ୯ଟା।
- ସାଧାରଣ ସଭା, ସ୍ଥାନ: ଲୁଣିଆ, ଶହୀଦ ନଗର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**

- ସଂଗ୍ରାମୀ କପିଳ ଚରଣ ଦାସଙ୍କ ୧୦ମ ବାର୍ଷିକ ସ୍ମୃତିଦିବସ, ସ୍ଥାନ: ସଂସ୍କୃତି ଭବନ, ସମୟ: ଅପରାହ୍ନ ୫ଟା।

**୨୩।୯।୧୯(ସୋମବାର)**

- ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା ୩୦।

**୨୪।୯।୧୯(ମଙ୍ଗଳବାର)**

- ୫ମ ଉର୍ସ ଉତ୍ସବ, ସ୍ଥାନ: ବାଇପାସ୍ ରୋଡ୍‌ସ୍ଥିତ ସରକାର ନଗର ଖାନ୍‌କାହା, ସମୟ: ସକାଳ ୮ଟା।

**୨୫।୯।୧୯(ବୁଧବାର)**

- ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା, ସ୍ଥାନ: ଭଦ୍ରକ ବ୍ଲକ ଅଫିସ, ସମୟ: ପୂର୍ବାହ୍ନ ୧୧ଟା ୩୦।

**୨୬।୯।୧୯(ଗୁରୁବାର)**

- କୃଷି ସମାଧାନ ଶିବିର, ସ୍ଥାନ: ସୁନ୍ଦରପୁର ପଞ୍ଚାୟତ ଅଫିସ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ ଟା।

**୨୮।୯।୧୯(ଶନିବାର)**

- ଆମ ଗାଁ ଆମ ବିକାଶ ଯୋଜନାର ସମୀକ୍ଷା, ସ୍ଥାନ: ବାସୁଦେବପୁର ବ୍ଲକ ଅଫିସ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସଂକ୍ଷେପରେ

### କ୍ରିତିକ୍ରିଷ୍ଣାଙ୍କୁ ସ୍ୱର୍ଣ୍ଣ



**ଧାମନଗର, ୨୧।୯ (ଡି.ଏନ.ଏ.) :** ଭଦ୍ରକ ଜିଲା ଧାମନଗର ବ୍ଲକ କଟସାହି ପଞ୍ଚାୟତ ବଉଳମାଳି ଶାସନର କ୍ରିତିକ୍ରିଷ୍ଣା ପଣ୍ଡା ଜାତୀୟସ୍ତରରେ ଦିଲ୍ଲୀର କଳାକାର ଆର୍ଟ ଫାଉଣ୍ଡେଶନ ପକ୍ଷରୁ ଅନଲାଇନ ବିଘ୍ନହର୍ତା ଚିତ୍ରକଳା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ଉତ୍କର୍ଷ ଚିତ୍ରଶିଳ୍ପୀ ଭାବେ ସେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଭାରତଛାଡ଼ ଆନ୍ଦୋଳନର ସଂଗ୍ରାମୀ ସ୍ୱର୍ଗତ ରମାପଦ ପଣ୍ଡାଙ୍କ ଅଣନାତୁଣୀ ଏବଂ ଆଡଭୋକେଟ ସ୍ନେହାଶିଷ ପଣ୍ଡାଙ୍କ ଜ୍ୟେଷ୍ଠା କନ୍ୟା କ୍ରିତିକ୍ରିଷ୍ଣା। ସେ ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ। ପିଲାଟି ଦିନରୁ ଚିତ୍ରକଳା ପ୍ରତି ରୁଚି ରଖିଥିବା କ୍ରିତିକ୍ରିଷ୍ଣା ପଞ୍ଚାୟତ, ବ୍ଲକ, ଜିଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଆସୁଛନ୍ତି। ପୂର୍ବରୁ ହରିୟାଣାରେ ଆର୍ଟ ଆର୍ଟିଷ୍ଟ ଆର୍ଟିଷ୍ଟିକ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେ ଅସୁରାଳି ଆର୍ଟ ଆଣ୍ଡ କ୍ରାଫ୍ଟ ବିଦ୍ୟାଳୟରେ ୪ର୍ଥ ବର୍ଷ ଛାତ୍ରୀ ଭାବେ ଶିକ୍ଷକ ଜୟନ୍ତ କୁମାର ନାୟକଙ୍କଠାରୁ ଚିତ୍ରକଳା ଶିକ୍ଷା ନେଉଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ସମ୍ପାଦକ ହେମେନ୍ଦ୍ର ସାହୁ, ଶିକ୍ଷକ ନାୟକ, ଅସୁରାଳି ଜିଲାପରିଷଦ ସଭ୍ୟା ଉମାମଣି ସାହୁ ଓ କଟସାହି ସରପଞ୍ଚ ଅଞ୍ଜନା ଲେଙ୍କା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### 'ପୁରୁଣାବଜାର ଲାଠିମାଡ଼ ଘଟଣା ଦୁର୍ଭାଗ୍ୟଜନକ'

**ଭଦ୍ରକ ଅଫିସ, ୨୧।୯:** ଭଦ୍ରକ ପୁରୁଣାବଜାର ଲାଠିମାଡ଼ ଘଟଣା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ସ୍ଥାନୀୟ ସ୍ୱାଭିମାନ ମଞ୍ଚ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ଘଟଣା କେତେକ ବ୍ୟକ୍ତିଙ୍କ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରାଯାଇଛି। ପୁରୁଣାବଜାର ଅଞ୍ଚଳରେ ଉଭୟ ସମ୍ପ୍ରଦାୟର ଲୋକ ଶାନ୍ତିପୂର୍ଣ୍ଣ ଭାବେ ବସବାସ କରନ୍ତି। ଉଭୟଙ୍କ ପର୍ବପର୍ବାଣିରେ ଭାଇଚାରାର ବାର୍ତ୍ତାବରଣ ଦେଖିବାକୁ ମିଳେ। ଏହି ଅଞ୍ଚଳର ମୁଖ୍ୟରାସ୍ତାକୁ ଜବରଦଖଲମୁକ୍ତ କରାଯିବା ପାଇଁ ସମ୍ମିଳନୀରେ ମଞ୍ଚର ସଭାପତି ତଥା ଆଇନଜୀବୀ ଶେଖ୍ ତାହେର ମହମ୍ମଦ, ଉପସଭାପତି ଶେଖ୍ ଜାନୀଙ୍କ ସମେତ ଉପସ୍ଥିତ ବହୁ କର୍ମକର୍ତ୍ତା ମତ ରଖିଥିଲେ। ତେବେ ଉକ୍ତ ଘଟଣାରେ ସମ୍ପୃକ୍ତ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ ପୂର୍ବକ ଗିରଫ କରାଯାଉ ବୋଲି ମଞ୍ଚ ଦାବି କରିଛି।

### ଦମ୍ପତିଙ୍କୁ ଆକ୍ରମଣ ନେଇ ମାମଲା ରୁଜୁ

**ଭଦ୍ରକ ଅଫିସ, ୨୧।୯:** ଧାମନଗର ଥାନା ଅଧୀନ ପିରିଜିପୁର ଗ୍ରାମରେ ଗତ ୧୭ ତାରିଖରେ ଏକ ଦମ୍ପତିଙ୍କୁ ଆକ୍ରମଣ ଘଟଣାରେ ଶନିବାର ପୋଲିସ ମାମଲା ରୁଜୁ କରିଛି। ଏହି ଘଟଣାରେ ସ୍ଥାନୀୟ ପୋଲିସ ମାମଲା ରୁଜୁ କରୁ ନ ଥିବା ନେଇ ଉକ୍ତ ଦମ୍ପତି ଶୁକ୍ରବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ଶନିବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଧାମନଗର ପୋଲିସ ଆକ୍ରମଣକାରୀ ଚକ୍ରଧର ସେନାପତି, କାଳିଆ ବାରିକ ଓ ଧୁଡୁଆ ବାରିକଙ୍କ ବିରୋଧରେ ମାମଲା(ନଂ. ୧୮୩/୧୯) ରୁଜୁ କରି ସେମାନଙ୍କୁ ଖୋଜୁଛି।

### ଚରମ୍ପାରେ ଦସ୍ତଖତ ଅଭିଯାନ

**ଭଦ୍ରକ ଅଫିସ, ୨୧।୯:** ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲା ଯାଦବ ମହାସଭା ଓ ଯୁବଯାଦବ ମହାସଭା ପକ୍ଷରୁ ଶନିବାର ଚରମ୍ପା ବଜାରରେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଯୁବ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ପ୍ରକାଶଜ୍ୟୋତି ମହାକୁଡ଼ ଓ ଭଦ୍ରକ ଟାଉନ ଯାଦବର ସଭାପତି କହ୍ନେଇ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି ଅଭିଯାନ ପର୍ଯ୍ୟାୟକ୍ରମେ ଜିଲାବ୍ୟାପୀ କରାଯିବ ବୋଲି ସୂଚନା ଦିଆଯାଇଛି। ପରସିଙ୍ଗା ପଞ୍ଚାୟତର ସରପଞ୍ଚ ଅମୂଲ୍ୟ ଧଳଙ୍କ ସହଯୋଗରେ ଅନୁଷ୍ଠିତ ଅଭିଯାନରେ ହଜାର ହଜାର ଲୋକ ସାମିଲ ହୋଇଥିଲେ। ବହୁ ଆଇନଜୀବୀ, ଯୁବପିଢ଼ି, କଲେଜ ଛାତ୍ରୀଛାତ୍ର, ମହିଳା ଏବଂ ବୟସ୍କ ଲୋକ ଯୋଗ ଦେଇଥିଲେ।

## ଅଖିଳ ଭାରତ ଯୁବ ସଂଘର ଜିଲା ସମ୍ମିଳନୀ




ଅଖିଳ ଭାରତ ଯୁବସଂଘର ଶୋଭାଯାତ୍ରା।

**ବନ୍ତ, ୨୧।୯ (ସ୍ୱ.ପ୍ର.)**

ବିଭିନ୍ନ ଦାବି ନେଇ ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ବନ୍ତ ବ୍ଲକ ଆଗରପଡ଼ାଠାରେ ଦୁଇଦିନିଆ ଜିଲା ସମ୍ମିଳନୀ ଶନିବାର ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟାରେ ଶତାଧିକ ଯୁବ ଛାତ୍ର ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଆଗରପଡା ବଜାରର କୁଆଁଶମଡିଆ ଛକରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ଏହାପରେ ବଜାର ମୁଖ୍ୟ ଛକରେ ସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଜିଲା ସଂଯୋଜକ ଆଇନଜୀବୀ ପରମେଶ୍ୱର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ଅଖିଳ ଭାରତ ଯୁବ ସଂଘର ରାଜ୍ୟ ସମ୍ପାଦକ ପ୍ରଦୀପ ସେଠୀ, ଛାତ୍ର ସଂଘର ରାଜ୍ୟ ସଭାପତି ସଂଘମିତ୍ରା ଜେନା, ପୂର୍ବତନ ରାଜ୍ୟ ସଭାପତି ଡା. ପ୍ରଶାନ୍ତ ମିଶ୍ର, ପୂର୍ବତନ ସମ୍ପାଦକ ଜୟନ୍ତ ଦାସ, ଛାତ୍ରନେତା ଦିବ୍ୟରଞ୍ଜନ ଜେନା, ସଂଗ୍ରାମ ବେହେରା ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ନୀତି ଉପରେ ବକ୍ତବ୍ୟ ରଖିଥିଲେ। ବେରୋଜଗାରୀ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ଅଭିଯୋଗ ହୋଇଥିଲା। କଶ୍ମୀର ଜନତାଙ୍କ ଗଣତନ୍ତ୍ରର ମାନବାଧିକାର ସୁରକ୍ଷା, ସଂଖ୍ୟାଲଘୁ, ଦଳିତଙ୍କ ଉପରେ ଆକ୍ରମଣ ବନ୍ଦ, ଭଗତ୍ ସିଂ ନିଶ୍ଚିତ କର୍ମନିଯୁକ୍ତି ଆଇନ କାର୍ଯ୍ୟକାରୀ, ନିର୍ବାଚନରେ ସଂସ୍କାର ଆଣିବା ଏବଂ ଧାମରା ବନ୍ଦରରେ ଭଦ୍ରକ ଜିଲାର ବେକାର ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଆଦି ଦାବି କରାଯାଇଛି।

ଅପରାହ୍ନ ୪ଟାରେ ପୂର୍ବତନ ଛାତ୍ରନେତା ସଂଗ୍ରାମ କେଶରୀ ଜେନା ଯୁବ ସଂଘର ପତାକା ଉତ୍ତୋଳନ କରିବା ପରେ ସ୍ଥାନୀୟ ମହତାବ ମେମୋରିଆଲ ହଲ୍‌ରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆରତିଲତା ଯେନା, ପୂର୍ଣ୍ଣିମା ଯେନା, ମନୋରଞ୍ଜନ ମହାପାତ୍ର, ରବୀନ୍ଦ୍ର ନାୟକ, ଦୁର୍ଗାପ୍ରସାଦ ତ୍ରିପାଠୀ, ରତିକାନ୍ତ ଯେନା, ରବୀନ୍ଦ୍ର ତରେଇ, ସୁରକାନ ଅଲ୍ଲୀ, ଯୁଜେଷ୍ଟି ଜେନା, କାଳନ୍ଦୀ ଯେନା, ବଳରାମ ଯେନା, ଦୀପକ ରାଉତ, ତପନ ଯେନା, ରମେଶ ଯେନା ଓ କରୁଣାକର ରାଉତ ପ୍ରମୁଖ ଏଥିରେ ସାମିଲ ଥିଲେ।

## ୨୪ରେ ବଡ଼ ସରକାର ବାବାଙ୍କ ଉର୍ସ ଉତ୍ସବ

**ଭଦ୍ରକ ଅଫିସ, ୨୧।୯**

ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ସରକାରନଗର ଖାନ୍‌କାହାଠାରେ ଆସନ୍ତା ୨୪ ତାରିଖରେ ବଡ ସରକାର ବାବାଙ୍କ ୫ମ ବାର୍ଷିକ ଉର୍ସ ଉତ୍ସବ। ଏଥିପାଇଁ ଖାନ୍‌କାହା ପୀଠରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗୁଲ୍‌ସନେ ଗୌସପାକ କମିଟି ଖାନ୍‌କାହାର ସଭାପତି ହାଜି ହାଫିଜ ଶେଖ୍ ମହମ୍ମଦ ଇସ୍ହାକ, ସମ୍ପାଦକ ଶେଖ୍ ଅତା ମୋହିଦ୍ଦିନ ଓ ସମସ୍ତ ସଦସ୍ୟଙ୍କ ସହଯୋଗରେ ଫାତେହା କାର୍ଯ୍ୟକ୍ରମ ଲାଗି ପ୍ରସ୍ତୁତି ଜୋରସୋରରେ ଚାଲିଛି।

ସୂଚନା ଅନୁଯାୟୀ, ଫାତେହା ପାଇଁ ୨୩ ତାରିଖ ସୋମବାର ଅପରାହ୍ନ ୪ ରୁ ରାତି ୧୦ ଟା ପର୍ଯ୍ୟନ୍ତ ବାବାଙ୍କ ଭକ୍ତମାନେ ଫଳ ସାମଗ୍ରୀ ଖାନ୍‌କାହାଠାରେ ପହଞ୍ଚାଇବେ। ମଧ୍ୟରାତିରୁ ବାବାଙ୍କ ଗୋସଲଖାନୀ ଆରମ୍ଭ ହେବ। ସକାଳ ନମାଜ ପାଠ ସାରି କୋରାନଖାନୀ, ମିଲାଦ ସରିଫ୍ ଓ ଫାତେହାର ଆୟୋଜନ କରାଯିବ। ଫାତେହା ସରିଲା ପରେ ସମସ୍ତ ଭକ୍ତଙ୍କୁ ଭୋଗ ବଣ୍ଟନ କରାଯିବ। ୨୪ ତାରିଖ ସକାଳ ୮ଟାରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ବାବାଙ୍କ ସମାଧି(ମଜାର)ଠାରେ ଚାଦର ଚଢାଇବାର ବ୍ୟବସ୍ଥା ଜାରି ରହିବ। ଖାନ୍‌କାହା କମିଟି ପକ୍ଷରୁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତଙ୍କ ପାଇଁ ଭଦ୍ରକ ରେଳ ଷ୍ଟେଶନ ଓ ବନ୍ତ ଛକ ବସ୍‌ଷ୍ଟାଣ୍ଡ ସମ୍ମୁଖରେ କ୍ୟାମ୍ପ ଖୋଲାଯିବ।

ଏହି କ୍ୟାମ୍ପରେ କମିଟିର ସଦସ୍ୟମାନେ ଉପସ୍ଥିତ ରହି ଭକ୍ତଙ୍କୁ ଖାନ୍‌କାହା ପର୍ଯ୍ୟନ୍ତ ଯାତାୟାତ ବ୍ୟବସ୍ଥା କରାଇବେ। ସେହିପରି କାଦ୍‌ରୀ ବିରାଦରାନ କମିଟିର ସଭାପତି ଶେଖ୍ ହବିବୁଲ୍ଲା ଓ ସମସ୍ତ ସଦସ୍ୟଙ୍କ ସହଯୋଗରେ ଉର୍ସ କାଦରୀୟାରେ ଖାନ୍‌କାହା ପରିସର ବାହାରେ ସନ୍ଧ୍ୟା ୭ଟାରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଏକ ସର୍ବଭାରତୀୟ ଧର୍ମସଭା ଓ ମୁଶାଏରାର ଆୟୋଜନ ସକାଶେ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି।

## କୀଟନାଶକ ପିଇ ଚାଷୀ ଆତ୍ମହତ୍ୟା ଘଟଣା

## ସହାୟତା ଦାବିରେ ଆନ୍ଦୋଳନ ଡାକରା



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

**ଧାମନଗର, ୨୧।୯ (ଡି.ଏନ.ଏ.)**

ଧାମନଗର ବ୍ଲକ ବମକୁରା ପଞ୍ଚାୟତ ଦେଉଳଡିହି ନୂଆପାଟଣା ଗ୍ରାମର ଚାଷୀ ଉମାକାନ୍ତ ଲେଙ୍କା(୫୮) ଗତ ୧୩ ତାରିଖରେ କୀଟନାଶକ ପିଇ ଦେଇଥିଲେ। ୧୭ ତାରିଖ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ମୃତ ଉମାକାନ୍ତଙ୍କ ପୁଅ ମନୋଜ ଋଣ ବୋଝ ସହି ନ ପାରି ତାଙ୍କ ବାପା ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ମୃତକଙ୍କ ପରିବାରକୁ ସହାୟତା ଦାବିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ସହ ସରକାର ସମସ୍ତ ଋଣ ସୁଝିବା ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

ଶନିବାର ପୂର୍ବାହ୍ନରେ ସାହସପୁର ପଞ୍ଚାୟତ କାର୍ଯ୍ୟାଳୟରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୃତ ଉମାକାନ୍ତଙ୍କ ପୁଅ ମନୋଜଙ୍କ ସୂଚନା ଅନୁସାରେ, ତାଙ୍କ ବାପା ୫ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷ କରୁଥିଲେ। ଗତ ଫାଇଲିନ, ହୁଡ୍‌ହୁଡ୍‌ରେ ସେ କୌଣସି ସାହାଯ୍ୟ ପାଇ ନ ଥିଲେ। ସେହିପରି କାଳିଆ ଯୋଜନା ଏବଂ କେନ୍ଦ୍ରୀୟ ସହାୟତାରୁ ମଧ୍ୟ ବଞ୍ଚିତ ହୋଇଥିଲେ। ବାରମ୍ବାର ଚାଷ ଉଜୁଡ଼ି ଯାଇଥିବା ବେଳେ ତାଙ୍କ ନାମରେ ସୋସାଇଟି ସମେତ ବିଭିନ୍ନ ବ୍ୟାଙ୍କରୁ ୧, ୯୬, ୬୩୯ ଟଙ୍କାର ଋଣଭାର ରହିଛି। ଋଣ କିପରି ଶୁଝିବେ ସେହି ଚିନ୍ତାରେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିବା ମନୋଜ ଅଭିଯୋଗ କରିଛନ୍ତି। ଏଯାଏ ପ୍ରଶାସନ ପକ୍ଷରୁ ତଦନ୍ତ ହୋଇ ନ ଥିବାବେଳେ ଏହାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଭାଜପା ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ସାହସପୁର ସରପଞ୍ଚ ଅନିରୁଦ୍ଧ ସାହୁ, ବମକୁରା ସରପଞ୍ଚ ଝରଣା ମଲ୍ଲିକ, ଶିବାଶିଷ ପଣ୍ଡା, ପୂର୍ବତନ ସରପଞ୍ଚ ଖୁଦିରାମ ମଲ୍ଲିକ ଓ ସମିତିସଭ୍ୟ ତପନ ପଣ୍ଡା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ ବର୍ଜନ, ଜଳ ସଂରକ୍ଷଣ ପାଇଁ ଶପଥପାଠ

**ଭଣ୍ଡାରିପୋଖରୀ, ୨୧।୯ (ଡି.ଏନ.ଏ.)**



ଶପଥ ପାଠ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।

ସେବା ସପ୍ତାହ ଅବସରରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବର୍ଜନ ଓ ଜଳ ସଂରକ୍ଷଣ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଭଦ୍ରକ ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ତତ୍ତ୍ୱାବଧାନରେ ବିଷ୍ଣୁପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶପଥ ପାଠ ହୋଇଥିଲା। ସେବା ସପ୍ତାହ କମିଟି ସଦସ୍ୟ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଧଳ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ପରିବେଶ ସୁରକ୍ଷା ଏବଂ ଜଳ ସଂରକ୍ଷଣ କରିବା ସମସ୍ତଙ୍କ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି କହିଥିଲେ। ସୁରେଶ ସାମଲ, ସୁଶାନ୍ତ ନାୟକ, ତପନ ପାତ୍ର, ବିଜୟ ବେହେରା, ନିର୍ମଳ କର ଓ ବାବୁଲା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାରିକପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶପଥ ପାଠ କାର୍ଯ୍ୟକ୍ରମରେ ସଭାପତି ଧଳଙ୍କ ସମେତ ନିର୍ମଳ କର, ଜୟସ୍ମିତା ଗୋଚ୍ଛାୟତ, ଅକ୍ଷୟ ମହାନ୍ତି, ସେବା ସପ୍ତାହ କମିଟି ସଦସ୍ୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କୁଲଣାସ୍ଥିତ ବିଶୋକ କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠରେ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ରାଉତ ଓ ପ୍ରଦୀପ କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ।

## ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ଧାମନଗର, ୨୧।୯ (ଡି.ଏନ.ଏ.)**

ଧାମନଗର ବ୍ଲକ ଧୁଷୁରୀ ପୂଜ୍ୟପୂଜା ସଂସଦ ହଲ୍‌ରେ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରଘୁନାଥ ଲେଙ୍କା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ୪ ଜଣ ସକ୍ରିୟ ସଦସ୍ୟ ଅତି କମ୍‌ରେ ଶହେ ନୂତନ ସଭ୍ୟ ସଂଗ୍ରହ କରିବାକୁ ସ୍ଥିର ହୋଇଛି। ଆସନ୍ତା ଅକ୍ଟୋବର ୨ ରୁ ୧୧ ତାରିଖ ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଛି। ଏହା ସହିତ ବିଜେଡିରେ ରହି ଦଳବିରୋଧୀ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ ସ୍ଥିର ହୋଇଛି। ସଙ୍ଗଠନକୁ ମଜ୍‌ଭୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିବା ନେଇ ସଭାପତି ଲେଙ୍କା ସୂଚନା ଦେଇଛନ୍ତି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ରାଜ୍ୟପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ରାଜ୍ୟ ନିଯୁକ୍ତ ସଂଯୋଜକ ଦିବ୍ୟରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକ, ବ୍ଲକ ସମ୍ପାଦକ ରାମଚନ୍ଦ୍ର ସାହୁ ଓ ନାରୀନେତ୍ରୀ ସୁରତୀ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବ୍ଲକର ପଞ୍ଚାୟତ ସଭାପତି, ସମ୍ପାଦକ, ସରପଞ୍ଚ ଓ ସମିତିସଭ୍ୟଙ୍କ ସହିତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବୈଠକରେ ବିଜେଡି କର୍ମକର୍ତ୍ତା।

## ବାର୍ଦ୍ଧକ୍ୟ ଭତ୍ତା ଆଶାରେ ବିତୁଛି ଦିନ

**ବନ୍ତ, ୨୧।୯ (ଡି.ଏନ.ଏ.)**

**ପଧାନପଡ଼ା ଆଦିବାସୀ ସାହି**

■ ସରକାରୀ ସହାୟତା ଅପହଞ୍ଚ

■ ପରଘରେ ମୂଲ ଲାଗିଲେ ଚଳୁଛି ପରିବାର



ଭତ୍ତାରୁ ବଞ୍ଚିତ ସ୍ତ୍ରୀ ମଞ୍ଜୁଙ୍କ ସହ ଶୋବାନ।

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ଆଦିବାସୀ ସାହିର ଶୋବାନ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ମଞ୍ଜୁ ବାର୍ଦ୍ଧକ୍ୟ ଭତ୍ତା ଆଶାରେ ଦିନ ବିତାଉଛନ୍ତି। ଭତ୍ତା ପାଇବା ପାଇଁ ସେମାନେ ପ୍ରଶାସନ ନିକଟରେ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି ଅଭିଯୋଗ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସାଧାରଣ ଲୋକଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା କରିଛନ୍ତି। ହେଲେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅବହେଳା ଯୋଗୁ ସାଧାରଣ ଲୋକେ ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଯୋଗ୍ୟ ହୋଇ ମଧ୍ୟ ସରକାରୀ ସହାୟତା ପାଇପାରୁ ନାହାନ୍ତି ବୋଲି ଅଭିଯୋଗ ହେଉଛି।

ବ୍ଲକ ସଦର ମହକୁମାଠାରୁ ମାତ୍ର ୪ କି.ମି. ଦୂରରେ ଥିବା ପଧାନପଡ଼ା ଆଦିବାସୀ ସାହିକୁ ସରକାରୀ ସହାୟତା ଅପହଞ୍ଚ। ଏହି ସାହିର ଶୋବାନ ଓ ମଞ୍ଜୁ ଭୂମିହୀନ ଗରିବ ଶ୍ରେଣୀର। ୫ବର୍ଷ ତଳେ ସେମାନଙ୍କର ଏକମାତ୍ର ପୁଅର ମୃତ୍ୟୁ ହୋଇଯାଇଛି। ଏବେ ବୋହୂ, ଦୁଇ ନାତୁଣୀଙ୍କୁ ନେଇ ସେମାନଙ୍କ ପରିବାର। ଜମିବାଡ଼ି କହିଲେ କିଛି ନାହିଁ। ଝାଟିମାଟିର ଦୁଇ ବଖରା ଚାଳଛପର ଘରେ ଏହି ୫ ପ୍ରାଣୀ ରହୁଛନ୍ତି। ଶୋବାନ ପର ଘରେ ମୂଲ ଲାଗିଲେ ଘର ଚଳେ। ମୂଲ ଲାଗି ଯାହା ରୋଜଗାର କରନ୍ତି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଏଥିରେ ବହୁ କଷ୍ଟରେ ପରିବାର ଚଳୁଛି। ଦୁର୍ଦ୍ଦଶାରେ ପରିବାର ଲୋକ ଦିନ କାଟୁଛନ୍ତି। ଏଭଳି ସ୍ଥିତିରେ ତାଙ୍କୁ ସରକାରୀ ସହାୟତା ମିଳିପାରି ନାହିଁ। ସେହିପରି ପକ୍କାଘର ଏହି ପରିବାର ପାଇଁ ସାତସପନ ହୋଇଛି। ଶୋବାନଙ୍କୁ ଏବେ ୬୮ ଓ ତାଙ୍କ ସ୍ତ୍ରୀ ମଞ୍ଜୁଙ୍କୁ ୬୫ ବର୍ଷ। ଭତ୍ତା ପାଇବା ନେଇ ସେମାନେ ବହୁବାର ପଞ୍ଚାୟତଠାରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ବାର୍ଦ୍ଧକ୍ୟ ଭତ୍ତା ସୁବିଧା ସହ ପକ୍କାଘର ଯୋଗାଇ ଦିଆଯିବାକୁ ସେମାନେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସେକ୍ ମୁସ୍ତାକ୍ ଅଲ୍ଲୀ ଖାଁଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ଦମ୍ପତିଙ୍କୁ ଭତ୍ତା ମିଳିବା ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ସେପ୍ଟେମ୍ବର ୨୨/୨୦୧୯ Balasore, Sunday, September 22/2019


## ସଂକ୍ଷେପରେ

### ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ ଲୁଟେରା

**ଭଦ୍ରକ ଅଫିସ, ୨୧।୯:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାହାଞ୍ଜ ବଜାରରୁ ଶନିବାର ସନ୍ଧ୍ୟାରେ ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ ଝାମ୍ପି ନେଇଛନ୍ତି ଲୁଟେରା। ସୂଚନା ଅନୁସାରେ, ରାହାଞ୍ଜ ଗ୍ରାମର ସୂର୍ଯ୍ୟମଣି ପୃଷ୍ଟି(୫୫) କୌଣସି କାମରେ ଭଦ୍ରକ ଆସିଥିଲେ। ରାହାଞ୍ଜ ଛକରେ ଏକ ଗାଡ଼ିରୁ ଓହ୍ଲାଇ ଘରକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଦୁଇଜଣ ଲୁଟେରା ବାଇକ୍‌ରେ ତାଙ୍କୁ ପିଛା କରି ସେ ପିନ୍ଧିଥିବା ସୁନାଚେନ୍ ଓ କାନଫୁଲ ଝାମ୍ପି ନେଇଯାଇଥିବା ସୂର୍ଯ୍ୟମଣି କହିଛନ୍ତି। ସ୍ଥାନୀୟ ବଜାରର କେତେକ ଲୋକ ଏ ସମ୍ପର୍କରେ ଜାଣିବା ପରେ ଲୁଟେରାଙ୍କୁ ଖୋଜାଖୋଜି କରିଥିଲେ ମଧ କୌଣସି ସନ୍ଧାନ ପାଇ ନ ଥିଲେ।

### ବନ ବିଭାଗର ମିଳିତ ଚଢ଼ାଉ ପାଣି ଭିତରୁ ଚୋରା କାଠ ଉଦ୍ଧାର

**କେନ୍ଦୁଝର,୨୧।୯ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡ ଅଧୀନ ଦେଓଗାଁ ରେଞ୍ଜ ଅର୍ନ୍ତଗତ ଭଗାମୁଣ୍ଡା ସେକ୍ସନ ବାଇଲୋ ଗ୍ରାମରେ ହରିଚନ୍ଦନପୁର ଓ ଭଗାମୁଣ୍ଡା ବନବିଭାଗର ମିଳିତ ଚଢାଉ କରି ମୂଲ୍ୟବାନ ଶାଳକାଠ ଜବତ ହୋଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଖବର ଅନୁଯାୟୀ ଉକ୍ତ କାଠଗୁଡିକ ନିକଟସ୍ଥ ଜଙ୍ଗଲରୁ କାଟି ମାଫିଆ ମାନେ ଚୋରା ଚାଲାଣ କରିବା ପାଇଁ ଉଦ୍ୟମ ଚଳାଇଥିଲେ। ହେଲେ ବନବିଭାଗର ପାଟ୍ରୋଲିଂ ଚାଲିଥିବା ଦେଖି ଭୟଭୀତ ହୋଇ ପାଖରେ ଥିବା ଏକ ଜଳାଶୟ ଭିତରେ ଲୁଚାଇ ପଳାଇଥିଲେ । ଶୁକ୍ରବାର ରାତିରେ ପାଟ୍ରୋଲିଂ ସମୟରେ କାଠ ଗୁଡିକ ନାଳ ମଧରେ ଲୁଚାଯାଇଥିବାର ସନ୍ଧାନ ପାଇଥିଲେ । ଶନିବାର ଏହି କାଠଗୁଡ଼ିକୁ ଜବତ କରାଯାଇଛି। ଜବତ ହୋଇଥିବା କାଠଗୁଡିକୁ ହରିଚନ୍ଦନପୁର ବନବିଭାଗ କାର୍ଯ୍ୟାଳୟକୁ ଅଣାଯାଇଛି। ଆଖପାଖ ଗ୍ରାମରେ ଚଢ଼ାଉ କଲେ ବହୁ ପରିମାଣରେ କାଠ ଜବତ ହୋଇ ପାରିବ ଏବଂ ମାଫିଆ ମାନେ ଧରାପଡ଼ିବେ ବୋଲି ମତ ପ୍ରକାଶ ପାଉଛି।

### ହଜିଥିବା ଏଟିଏମ୍ କାର୍ଡରୁ ଟଙ୍କା ଚଲୁ, ଯୁବକ ଗିରଫ

**ବାସୁଦେବପୁର, ୨୧।୯ (ଡି.ଏନ.ଏ.):** ବାସୁଦେବପୁର ଥାନା ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ଏଟିଏମ୍‌ରୁ ଲୁଟ୍ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଭଳି ଏକ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ବାସୁଦେବପୁର ପୋଲିସ। ହଜିଥିବା ଏକ ଏଟିଏମ୍ କାର୍ଡ ଦ୍ୱାରା ଉକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା ଚଲୁ କରିବା ଅଭିଯୋଗରେ ଦାମୋଦର ଦାସ ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଶନିବାର ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଦାମୋଦରଙ୍କ ଘର ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ଗ୍ରାମରେ। ସେ ରାସ୍ତାରୁ ପାଇଥିବା ଏଟିଏମ୍ କାର୍ଡରୁ ଚଞ୍ଚକତା କରି ଭୁବନେଶ୍ୱରର ବିଭିନ୍ନ ଏଟିଏମ୍ ଓ ମୋବାଇଲ ଦୋକାନରୁ କାର୍ଡ ସ୍ୱାଇପ୍ କରି ୨.୫୦ ଲକ୍ଷ ଟଙ୍କା ଉଠାଇ ନେଇଥିବା ପୋଲିସ ସୂଚନା ଦେଇଛି। ନାୟକାଣିଡିହୀ ଥାନା ବାଲିମେଦ ପଞ୍ଚାୟତ ଜୀବନପୁର ଅଞ୍ଚଳର ଜଣେ ବ୍ୟକ୍ତି ଦୁଇମାସ ତଳେ ବାସୁଦେବପୁର ଆସିଥିବା ବେଳେ ତାଙ୍କ ଏଟିଏମ୍ କାର୍ଡ କେଉଁଠି ଖସି ପଡ଼ିଥିଲା। ତାଙ୍କ ପୁଅ ପ୍ରୀତମ ପଳିତା ଗତ ୧୯ ତାରିଖରେ ଲିଖିତ ଅଭିଯୋଗ କରିବା ପରେ ବାସୁଦେବପୁର ପୋଲିସ ମାମଲା(ନଂ.୩୦୫/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଆଇଆଇସି ମଧୁମିତା ମହାନ୍ତି ତଦନ୍ତ କରି ଦାମୋଦରଙ୍କୁ ଗିରଫ କରିଛନ୍ତି। ଦାମୋଦର ଏହି କାର୍ଡ ଦ୍ୱାରା ଟଙ୍କା ଉଠାଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

# କାନପୁର ନଦୀବନ୍ଧ, ଆନନ୍ଦପୁର ବ୍ୟାରେଜ କାମ ତ୍ୱରାନ୍ୱିତ କର

କେନ୍ଦୁଝର, ୨୧।୯ (ସ୍ୱ.ପ୍ର.)



ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ଦିଆଯାଉଛି।

କନ୍ଦୁଝର ଜିଲାର ଅଧପନ୍ତରିଆ ହୋଇ ପଡ଼ିଥିବା କାନପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ସହ ଆନନ୍ଦପୁର ବ୍ୟାରେଜ କାମ ତୁରନ୍ତ ଶେଷ କରିବା ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ଓ ରାଜ୍ୟ ବିଜେଡି ସରକାର ଖଣି ମାଲିକ ମାନଙ୍କ ଲାଭ ପାଇଁ କାମ କରୁଛନ୍ତି ବୋଲି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହେଉଛି । ବୈତରଣୀ ନଦୀର ପାଣିକୁ ପାଇପ ଦ୍ୱାରା ଲୁହାପଥର ଗୁଣ୍ଡ ସହିତ ପଠାଯାଉଛି । ଫଳରେ ବୈତରଣୀ ଶୁଷ୍କ ହେବା ସହ ଜିଲାରେ ଭୂତଳ ଜଳସ୍ତର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏଭଳି ଧାରା ଲାଗି ରହିଲେ କେନ୍ଦୁଝର ଜିଲା ମରୁଭୂମିରେ ପରିଣତ ହେବା ସହ ଉତ୍କଟ ଜଳ ସଂକଟ ଦେଖାଦେବ ବୋଲି ମତ ପ୍ରକାଶ ପାଉଛି । ଏହାର ପ୍ରତିବାଦରେ ଓ କାନପୁର ନଦୀ ବନ୍ଧ କାର୍ଯ୍ୟ ସହିତ ଆନନ୍ଦପୁର ବ୍ୟାରେଜ କାମ ତୁରନ୍ତ ଶେଷ କରିବା ଦାବିରେ ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ରଞ୍ଜନ ମଙ୍ଗରାଜ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଗ ବିଶ୍ୱଜିତ ସ୍ୱାଇଁ, ଅଶୋକ କୁମାର ରଥ, ବିକ୍ରମ କେଶରୀ ରାଉତରାୟ, କେନ୍ଦୁଝର ଜିଲା ଭାଜପାର ବରିଷ୍ଠ ନେତା ଅଜୟ କୁମାର ସାହୁ, ତ୍ରିଲୋଚନ ଦାଶ ପ୍ରମୁଖ ସାମିଲ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ କେନ୍ଦୁଝର ଜିଲାର ବୈତରଣୀ ନଦୀରେ କୌଣସି ନଦୀବନ୍ଧ ପ୍ରକଳ୍ ନାହିଁ। ତେବେ ଦୀର୍ଘ ପ୍ରାୟ ୪୦ ବର୍ଷ ହେଲା ବାସୁଦେବପୁର ଠାରେ କାନପୁର ଜଳସେଚନ ପ୍ରକଳ୍ପ ଓ ୧୦ ବର୍ଷ ହେବ ଆନନ୍ଦପୁର ଠାରେ ଆନନ୍ଦପୁର ଜଳସେଚନ ପ୍ରକଳ୍ପର ପରିକଳ୍ପନା କରାଯାଇ କାମ ଆରମ୍ଭ ହୋଇଥିଲେ ହେଁ ସରୁନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଫଳରେ ଜିଲାର କୃଷି ଓ କୃଷକ ମାନଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ଜଣାପଡୁଛି ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୩ ଭାଇ ଗିରଫ

ରୂପ୍‌ସା, ୨୧।୯(ଡ଼ି ଏନ ଏ)

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ହାତିଆଡିହା ଗ୍ରାମର ଯୁବକ ନିରଞ୍ଜନ ବଢେଇଙ୍କୁ ଶୁକ୍ରବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ. ୭୦/୧୯) ରୁଜୁ କରି ସେହି ଗ୍ରାମର ଅଭିଯୁକ୍ତ ୩ଭାଇ ଉମାକାନ୍ତ ଜେନା, ନବ ଜେନା ଓ କାଳିଚରଣ ଜେନାଙ୍କୁ ଗିରଫ କରିଛି । ଉଭୟପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ୩ ଭାଇ ମିଶି ଅଭିଯୋଗକାରୀ ନିରଞ୍ଜନଙ୍କୁ ନିସ୍ତୁକ ମାଡ ମାରିବା ସହ ଗୋଇଠା ମାରି ଆକ୍ରମଣ କରିଥିଲେ। ଆହତ ଯୁବକଙ୍କୁ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା । ଅଭିଯୋଗ ପାଇବା ପରେ ତୁରନ୍ତ ଓଆଇସି ସୁଚନ୍ଦ୍ର ମହାଳିକ ଓ ଏଏସ୍‌ଆଇ ନରହରି ମହାଳିକ ପ୍ରମୁଖ ଗାଁରେ ଚଢାଉ କରି ଅଭିଯୁକ୍ତ ୩ ଭାଇଙ୍କୁ କାବୁ କରିବାରେ ସମର୍ଥ ହୋଇଥିଲେ।

# ବାଘମରା ପଥର ଖାଦାନରେ ରାତିଅଧିଆ ଚଢ଼ାଉ

ସଜନାଗଡ, ୨୧।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ଜାମୁଡ଼ିହା ପଞ୍ଚାୟତର ବାଘମରା ପଥର ଖାଦାନରେ ବେଆଇନ ଭାବେ ପଥର ଉତ୍ତୋଳନ କରାଯାଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାଲେଶ୍ୱର ଜିଲାପାଳଙ୍କ ଠାରେ ଅଭିଯୋଗ ହୋଇଆସୁଥିଲା । ଜିଲାପାଳ ଏହାକୁ ଗୁରୁତ୍ୱ ଦେଇ ନୀଳଗିରି ତହସିଲଦାର, ଅତିରିକ୍ତ ତହସିଲଦାର ରାକେଶ କୁମାର ପଣ୍ଡା ଏବଂ ନୀଳଗିରି ଥାନାର ଆଇଆଇସି ନଳିତା ମୋଦିଙ୍କୁ ମିଳିତ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ରାତିରେ ବାଘମରା ପଥର ଖାଦାନ ଉପରେ ମିଳିତ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ବଡ଼ ବଡ଼ ୩ଟି ପାଣି ପମ୍ପ ଜବତ କରାଯାଇଥିବା ଅତିରିକ୍ତ ତହସିଲଦାର ରାକେଶ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

ଭଦ୍ରକ ଅଫିସ, ୨୧।୯

ଭଦ୍ରକ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଅଦାଲତର ବିଚାରପତି ପ୍ରଣତି ସାହା ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଦୋଷୀ ସପନ ପରିଡ଼ା ଓରଫ୍ ରବୀନ୍ଦ୍ରଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଣି କରିଛନ୍ତି। ଉଲ୍ଲେଖନୀୟ ଯେ, ୨୦୧୩ ମେ ୩୦ରେ ଧାମରା ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଏକୁଟିଆ ପାଇ ପାଇକସାହି ଗ୍ରାମର ସପନ ବଳାତ୍କାର କରିଥିଲେ।



ସପନ ପରିଡ଼ା।

ଏପରିକି ନାବାଳିକାଙ୍କୁ ଭୁଜାଲି ଦେଖାଇ ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାମଧରେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିଲେ। ପରେ ଘଟଣା ସମ୍ପର୍କରେ ଜାଣି ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ସେପ୍ଟେମ୍ବର ୨୪ରେ ଧାମରା ସାମୁଦ୍ରିକ ଥାନା ପୋଲିସ ମାମଲା(ନଂ.୨୨/୧୩) ରୁଜୁ କରିଥିଲା। ପୋଲିସ ସପନଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। କୋର୍ଟ ୧୫ ଜଣ ସାକ୍ଷ୍ୟଙ୍କ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ସପନଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ସରକାରଙ୍କ ତରଫରୁ ମନୋରଞ୍ଜନ ଦାସ ମକଦ୍ଦମା ପରିଚାଳନା କରୁଥିଲେ।

# ଫାଇନାନ୍ସ କର୍ମଚାରୀଙ୍କଠୁ ଲୁଟ୍ ଘଟଣା, ୨ ଗିରଫ

ହାଟଡିହୀ,୨୧।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଥାନା ମରୈଗାଁ କେନାଲ ନିକଟରୁ ଜଣେ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ପ୍ରାୟ ୯୦ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ଗତ ଜୁଲାଇ ମାସରେ ସୋସୋ ଥାନାରେ ଅଭିଯୋଗ ହୋଇଥିଲା। ଫାଇନାନ୍ସ କର୍ମଚାରୀଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୫୧/୨୦୧୯) ରୁଜୁ କରିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ନନ୍ଦିପଦା ଥାନା ଅଧୀନ ମରୈଗାଁ ଗ୍ରାମର ଲିଟୁ ଜେନା ଓ ଚଣ୍ଡିବିରଞ୍ଚିପୁର ଗ୍ରାମର ଭିକୁ ଜେନାଙ୍କୁ ନନ୍ଦିପଦା ପୋଲିସ ଧରି ସୋସୋ ପୋଲିସକୁ ହସ୍ତାନ୍ତର କରିଥିଲା। ସୋସୋ ପୋଲିସ ଅଟକ ରଖି ପଚରାଉଚରା ପରେ ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ୪ ପ୍ଲଟ୍ ସିଲ୍ କଲା ଭିଜିଲାନ୍ସ ଟିମ୍

ବାସୁଦେବପୁର, ୨୧।୯ (ଡି.ଏନ.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳଙ୍କ ଘରେ ଗତ ଅଗଷ୍ଟ ୧ ତାରିଖରେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ତାଙ୍କ ଘର ସମେତ ୧୦ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ପୂର୍ବତନ ସରପଞ୍ଚ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ବସନ୍ତ ମଞ୍ଜରୀ ବିଶ୍ୱାଳ ଫେରାର ଅଛନ୍ତି। ଶନିବାର ବାଲେଶ୍ୱର ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ନିର୍ମଳ ଚନ୍ଦ୍ର ମହାନ୍ତି, ଡିଏସ୍‌ପି ସଞ୍ଜୟ କୁମାର ଦାସବର୍ମା, ଇନ୍ସପେକ୍ଟର ସୁଲୋଚନା ନାୟକ ସଦଳବଳ ବେତଡ଼ା ବଜାରରେ ପହଞ୍ଚି ନଗେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ୪ଟି ପ୍ଲଟ୍‌କୁ ସିଲ୍ କରିବା ସହିତ ଏଠାରେ ଆର୍ଥିକ କାରବାରକୁ ବନ୍ଦ କରିଛନ୍ତି। ବେତଡ଼ା ବଜାରରେ ଥିବା ପେଟ୍ରୋଲ ପମ୍ପ, ତାଙ୍କ ମାଲିକାନାରେ ଚାଲିଥିବା ଦୁଇଟି ହିରୋ ଶୋ'ରୁମ୍ ଓ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ସିଲ୍ କରାଯାଇଛି। ସିଡିପିଓ ଜାନକୀ ଦାସ, ବ୍ଲକ ଯୋଗାଣ ଅଧିକାରୀ ବିଭୀଷଣ ନାୟକ ଓ ଆର୍‌ଆଇ ସୌମ୍ୟ ମହାଳିକ ସିଲ୍ ସମୟରେ ଉପସ୍ଥିତ ଥିଲେ। ତେବେ ଏହି ଛତୁଆ କେନ୍ଦ୍ର ଅନ୍ୟତ୍ର ସ୍ଥାନାନ୍ତର ହେବ ବୋଲି ସିଡିପିଓ ଦାସ କହିଛନ୍ତି।





## ଶ୍ରୀରାମ ରକ୍ଷା କବଚ

ଜୀବନର ଯେ କୌଣସି ସମସ୍ୟାର ସମାଧାନ ପାଇଁ ବହୁ ପରୀକ୍ଷିତ ଶ୍ରୀରାମ ରକ୍ଷା କବଚ ନୀତି ନିୟମରେ ଧାରଣ କରନ୍ତୁ। ପ୍ରାପ୍ତି ପାଇଁ ଯୋଗାଯୋଗ କରନ୍ତୁ:

**ଶ୍ରୀ ରବି ମିଶ୍ର, ଜ୍ୟୋତିର୍ବିଦ୍**

ତାରିଣୀ ବିହାର, କୁମ୍ଭାରସାହି, ବିଡ଼ାନାସୀ, କଟକ – ୧୪
ମୋ: ୯୪୩୯୧୪୯୯୭୫

ପ୍ରତ୍ୟେକ ବୁଧବାର ମାଗଣା ଜାତକ ବିଚାର କରାଯାଏ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ